# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ପିତର ଓ ପ୍ରାର୍ଥନାର ଶକ୍ତି




ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଅନୁବାଦକ: Prasanta Bhuyan

ଉପ୍ଯୋଜକ: Ruth Klassen



କାହାଣୀ ୬୦ ରୁ ୫୭

**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya



ପିତର ଯୀଶୁଙ୍କ ବିଷୟରେ ଅନ୍ୟମାନଙ୍କୁ କହିବାକୁ ସାରା ଦେଶ ଭ୍ରମଣ କଲେ । ଦିନକରେ, ଲୁଦ ନାମକ ନଗରରେ, ସେ ଏକ ପକ୍ଷାଘାତ ରୋଗିଙ୍କର ଦେଖା ପାଇଲେ । ତାଙ୍କୁ ପକ୍ଷାଘାତ ରୋଗ ପ୍ରାୟ ଆଠ ବର୍ଷ ହେଇଥିଲା । ଯୀଶୁଖ୍ରୀଷ୍ଟ ତୁମ୍ଭକୁ ସୁସ୍ଥ କଲେ, ଉଠ ତୁମ୍ଭର ଶେଜ ସଜାଡ଼, ପିତର ତାହାଙ୍କୁ କହିଲେ । ତତ୍କ୍ଷଣାତ୍ ସେ ଉଠିଲେ । ଯେଉଁ ଲୋକମାନେ ତାହା ଦେଖିଲେ ସେମାନେ ସଦାପ୍ରଭୁଙ୍କ ନିକଟକୁ ଫେରିଲେ ।





ଯାଫ ନାମକ ଏକ ନିକଟତର  ନଗରର ଲୋକମାନେ ଦୁଃଖରେ ଥିଲେ, ଏକ ସ୍ତ୍ରୀ ଯାହାର ନାମ ଦର୍କା ସେ ଯୀଶୁଙ୍କ ବିଶ୍ୱାସି ଥିଲେ । ସେହିସମୟରେ ସେ ପିଡ଼ିତା ହୋଇ ପ୍ରାଣତ୍ୟାଗ କଲେ । ଦୁଃଖରେ ତାଙ୍କର ବନ୍ଧୁମାନେ ତାହାର ଶରିରର ଶେଷକୃତ୍ୟ ନିମନ୍ତେ ପ୍ରସ୍ତୁତ କଲେ, ତାହାପରେ ସେମାନେ ତାହାକୁ ଉପର କୋଠରିରେ ଶୁଆଇଦେଲ ।


କିନ୍ତୁ, ଦର୍କାର ବନ୍ଧୁମାନେ ପିତର ନିକଟରେ ଅଛନ୍ତି
ବୋଲି ଶୁଣି ତାହାଙ୍କ ନିକଟକୁ ଲୋକ ପଠାଇ
କହିଲେ ଆମ୍ଭମାନଙ୍କ ନିକଟକୁ ଆସିବାକୁ
ବିଳମ୍ବ କରନ୍ତୁ ନାହିଁ । ଯେତେବେଳେ ପିତର
ଉପର କୋଠରିକୁ ଗଲେ, ଆଉ ବିଧବାମାନେ
ସମସ୍ତେ ତାଙ୍କୁ ଘେରି ବିଳାପ କରୁ କରୁ ଦର୍କା
ସେମାନଙ୍କ ସଙ୍ଗରେ ଥିବା ସମୟରେ
ଯେଉଁସବୁ ଅଙ୍ଗରଖା ଓ ବସ୍ତ୍ରଗୁଡ଼ିକ
ବନାଇଥିଲେ ସେହିସବୁ ଦାଖାଇବାକୁ
ଲାଗିଲେ । ସମସ୍ତେ ବିଳାପ କରୁଥିଲେ ।
3


କିନ୍ତୁ ପିତର ସମସ୍ତଙ୍କୁ ବାହାର
କରିଦେଇ, ଆଣ୍ଠୁମାଡ଼ି ପ୍ରାର୍ଥନା କଲେ ।
ପୁଣି ଶବ ଆଡ଼କୁ ବୁଲିପଡ଼ି କହିଲେ,
ଦର୍କା ଉଠ । ସେଥିରେ ସେ ତାହାର
ଆଖି ମେଲା କଲା, ଓ ପିତରଙ୍କୁ
ଦେଖି ସେ ଉଠି ବସିଲା ।
4


ସେ ହାତଦେଇ ତାକୁ
ଉଠାଇଲେ, ଏବଂ
ସାଧୁମାନଙ୍କୁ ଓ ବିଧବା
ମାନଙ୍କୁ ଡାକି ତାଙ୍କୁ ଜୀବୀତ
ଦେଖାଇଲେ । ଏହିକଥା
ଯାଫୋର ସବୁଆଡ଼େ
ଜଣାପଡ଼ିଲା ଓ ଅନେକେ
ପ୍ରଭୁଙ୍କଠାରେ ବିଶ୍ୱାସ
କଲେ ।
5


ପିତର ଅନେକ ଦିନ ପ୍ରଯ୍ୟନ୍ତ ଯାଫୋରେ ବାସ କଲେ, ସେ ସମୁଦ୍ର
କୂଳରେ ଥିବା ଏକ ଗୃହରେ ରହିଲେ । ଦିନେ ପିତର ପ୍ରାର୍ଥନା
କରିବା ନିମନ୍ତେ ଛାତ ଉପରକୁ ଗଲେ ।
6


ଯଦି ସେ ନଗର ଆଡ଼କୁ ଚାହିଁଥାନ୍ତେ ତେବେ ସେହି ତିନଜଣଙ୍କୁ ଦେଖି
ପାରିଥାଆନ୍ତେ ଯେଉଁମାନେ ତାହାଙ୍କର ସନ୍ଧାନରେ ଆସୁଥିଲେ ।
7


ଏହି ଲୋକମାନେ ରୋମିୟ ସୌନିକ କର୍ଣ୍ଣୀଲୀୟର ଦାସମାନେ ଥିଲେ । କର୍ଣ୍ଣୀଲୀୟ
ସଦାପ୍ରଭୁଙ୍କର ଉପାସକ ଥିଲେ । କର୍ଣ୍ଣୀଲୀୟ ତାଙ୍କ ଦାସମାନଙ୍କୁ ପିତରଙ୍କ ଅନ୍ୱେଷଣ
କରିବାକୁ ପ୍ରେରଣ କଲେ
JOPPA
କାରଣ ଜଣେ
ଦୂତ ତାଙ୍କୁ
ସ୍ୱପ୍ନରେ ଦର୍ଶନ ଦେଇ
କହିଲେ, ପିତରଙ୍କ
ଡକାଇ ଆଣ ।
8


ସେ ଶିମୋନ ନାମକ ଜଣେ ଚ଼ର୍ମକାରଙ୍କ ଅତିଥି ସ୍ୱରୂପେ ବାସ କରୁଅଛନ୍ତି ।
ଯାହାର ଘର ସମୁଦ୍ର କୂଳରେ ।
ସେ ତୁମ୍ଭକୁ
ଜଣାଇବେ କଅଣ
କରିବାକୁ ହେବ ।
9


ଯେତେବେଳେ ପିତର ଛାତ ଉପରେ ପ୍ରାର୍ଥନା କରୁଥିଲେ, ସଦାପ୍ରଭୁ ତାହାଙ୍କୁ ଏକ ଦର୍ଶନ ଦେଲେ ।
ଆକାଶ ଉନ୍ମୁକ୍ତ ହୋଇଅଛି ପୁଣି ଗୋଟିଏ ପାତ୍ର ତିଳକୁ ଆସୁଅଛି ଯେପରି ଗୋଟିଏ ବଡ଼ ଚ଼ାଦର
ଚ଼ାରି କୋଣରେ ଧରାହୋଇ ପୃଥିବି ଉପରକୁ
ଖସାଇ ଦିଆଯାଉଛି ।
10


ସେଥିରେ ପୃଥିବିର ସର୍ବପ୍ରକାର ଚ଼ତୁଷ୍ପଦ ପ୍ରାଣୀ, ସରୀସୃପ ଓ ଆକାଶର ପକ୍ଷୀ ଗୁଡ଼ିକ ଅଛନ୍ତି ।
ପିତର ଯାହାକୁ ଅସୁଚ଼ି କହିପାରନ୍ତି । ତାହାର ତାତ୍ପର୍ଯ୍ୟ ହେଲା ଯେ ଧର୍ମୀୟ ଯିହୁଦୀ ମାନଙ୍କୁ ତାହା
ଭୋଜନ କରିବା ଅନୁମତି ନ ଥିଲା । ତାଙ୍କପ୍ରତି
ଏହି ବାଣି ହେଲା ହେ ପିତର
ଉଠ, ବଧ କରି
ଭୋଜନ କର ।
11


ନାହିଁ ପ୍ରଭୁ, ପିତର ସଦାପ୍ରଭୁଙ୍କୁ କହିଲେ । ମୁଁ
କେବେହେଲେ କୌଣସି ଅପବିତ୍ର ଓ ଅଶୁଚ଼ି
ପଦାର୍ଥ ଭୋଜନ କରିନାହିଁ । ପିନଷ୍ଟ ଦ୍ୱୀତୀୟ
ଥର ତାଙ୍କପ୍ରତି ଏହି ବାଣି ହେଲା । ଇଶ୍ୱର
ଯାହା ଶୁଚ଼ି କରିଅଛନ୍ତି ତାହା ତୁମେ ଅଶୁଚ଼୍
ବୋଲି ନ କୁହ । ଏହି ପ୍ରକାର ତିନିଥର
ହେଲା । ଆଉ ତତ୍କ୍ଷଣାତ୍ ସେହି ପାତ୍ରଟି
ଆକାଶକୁ ଉଠାଇ ନିଆଗଲା ।
12


ପିତର ଯେଉଁ ଦର୍ଶନ ପାଇଥିଲେ, ସେଥିର ତାତ୍ପର୍ଯ୍ୟ କଅଣ ତାହା ଭାବି
ସେ ହତବୁଦ୍ଧି ହେଉଥିବା ସମୟରେ ଆତ୍ମା ତାଙ୍କୁ କହିଲେ ଦେଖ
ତିନଜଣ ଲୋକ ତୁମକୁ ଖୋଜୁଅଛନ୍ତି ଉଠ
ସେମାନଙ୍କ ସଂଙ୍ଗରେ ଯାଅ ।
13


ଯେତେବେଳେ ତିନିଜଣ ସେହି ପବିତ୍ର ଦୂତଙ୍କ ପ୍ରତ୍ୟାଦେଶ ପାଇଅଛନ୍ତି
ତାହା ଜଣାଇଲେ, ସେତେବେଳେ ପିତର ଜାଣିପାରିଲେ ସଦାପ୍ରଭୁ ତାଙ୍କୁ
ଆଗେଇ ନେଉଛନ୍ତି । ତିହିଁ ଆରଦିନ ସେ ଉଠି ଅନ୍ୟ ଛଅଜଣ
ସାଥିଙ୍କ ନେଇ ସେମାନଙ୍କ ସହିତ
କର୍ଣ୍ଣୀଲୀୟଙ୍କ ଗୃହକୁ
ପ୍ରସ୍ଥାନ କଲେ ।
14



ହୋଇପାରେ, ସେ ଯେ ଏକ ଅଣ-ଯିହୁଦୀୟ ଗୃହକୁ ଯାଉଅଛନ୍ତି, ସେତେବେଳେ ପିତର ବୁଝିପାରିଲେ ସଦାପ୍ରଭୁ ସମସ୍ତଙ୍କୁ ସ୍ନେହ କରନ୍ତି । ସଦାପ୍ରଭୁ ଚାହାନ୍ତି ସମସ୍ତ ଜାତି ଜାଣନ୍ତୁ ଯେ ଯୀଶୁ ଜଗତର ଉଦ୍ଧାରକର୍ତ୍ତା ଅଟନ୍ତି । ପିତର ପ୍ରବେଶ କରନ୍ତେ କର୍ଣ୍ଣୀଲୀୟ ତାଙ୍କୁ ଭେଟି ଚରଣ ତଳେ ପଡ଼ି ତାଙ୍କୁ ପ୍ରଣାମ କଲେ ।

15

ଉଠ । ମୁଁ ମଧ୍ୟ ଜଣେ ମନୁଷ୍ୟ, ପିତର କର୍ଣ୍ଣୀଲୀୟଙ୍କୁ କହିଲେ । ଆଉ ସେ ଗୃହର ସମସ୍ତ ଲୋକଙ୍କୁ କହିଲେ, କୌଣସି ଲୋକ ସଂଙ୍ଗରେ ମିଶିବା କିମ୍ବା ତାହା ପାଖକୁ ଯିବା ଯିହୁଦୀ ଲୋକ ପକ୍ଷରେ କିପରି ବିଧିସଂଗତ ନୁହେଁ । କିନ୍ତୁ କୌଣସି ଲୋକକୁ ଅପବିତ୍ର କିମ୍ବା ଅଶୁଚି ବୋଲି ନ କହିବାକୁ ଇଶ୍ୱର ମୋତେ ଦେଖାଇଅଛନ୍ତି ।



16

ପିତର ସେହି ବିଜାତୀୟ ଲୋକମାନଙ୍କୁ କହିଲେ, ଯୀଶୁ ଇଶ୍ୱରଙ୍କ ପୁତ୍ର ଅଟନ୍ତି, ସେ କ୍ରୁଶରେ ହତ ହେଲେ ଆଉ ମୃତ୍ୟୁରୁ ଉଠି ଜଗତର ଉଦ୍ଧାରକର୍ତ୍ତା ହେଲେ । ତାହାପରେ ପବିତ୍ର ଆତ୍ମା ସେ ସମସ୍ତଙ୍କ ଉପରେ ଅବତରଣ କଲେ ଏବଂ ସେ ସମସ୍ତେ ଇଶ୍ୱରଙ୍କ ମହିମା କଲେ । ସେଥିରେ ପିତରଙ୍କ ସହିତ ଆଗତ ସୁନ୍ନତି ବିଶ୍ୱାସିମାନେ ସମସ୍ତେ ଆଚମ୍ବିତ ହେଲେ । ଏହା ମଧ୍ୟ ପେଣ୍ଟିକଷ୍ଟ ଦିବସ ପରି ହେଲା । ଇଶ୍ୱର ବିଜାତି ମାନଙ୍କ ଉପରେ ଶୁଦ୍ଧା ପବିତ୍ର ଆତ୍ମା ଦାନ କରିନ୍ତି । ତାହାପରେ ପିତର ସେହି ନୂତନ ବିଶ୍ୱାସିମାନଙ୍କୁ ଯୀଶୁଙ୍କ ନାମରେ ବାପ୍ତିସ୍ମ ଦେଲେ ।



17

ପିତର ବିଜାତୀୟ ମାନଙ୍କ ନିକଟକୁ ଯିବାହେତୁରୁ ଯିରୁଶାଲମରେ ସୁନ୍ନତ ବିଶ୍ୱାସିମାନେ ପିତରଙ୍କ ସହିତ ବିବାଦ କଲେ । କିନ୍ତୁ ପିତର ପ୍ରାରଥନାରେ ଦର୍ଶନ ପାଇଥିବା କଥା ଓ କର୍ଣ୍ଣୀଲୀୟ ଦେଖିଥିବା ଦର୍ଶନ ବିଷୟରେ ମଧ୍ୟ ସେମାନେଙ୍କୁ ଜଣାଇଲେ । ଏହି ସମସ୍ତ କଥା ଶୁଣିବାରୁ ସେମାନେ ନିରୁତ୍ତର ହେଲେ ଓ ଇଶ୍ୱରଙ୍କର ପ୍ରଶଂସା କରି କହିଲେ, ତେବେ ଇଶ୍ୱର ବିଜାତି ମାନଙ୍କୁ ମଧ୍ୟ ଜୀବନ ପ୍ରାପ୍ତି ନିମନ୍ତେ ମନ ପରିବର୍ତ୍ତନ ଦାନ କରିଅଛନ୍ତି ।



18

ପିତର ଓ ପ୍ରାର୍ଥନାର ଶକ୍ତି

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ପ୍ରେରିତ ୯-୧୨

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।